BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଷଷ୍ଠ ସଂଖ୍ୟା | ନଭେମ୍ବର - ଡିସେମ୍ବର ୨୦୨୪
Volume No. 02 | Issue No. 06 | Nov-Dec 2024
Refereed Peer-Reviewed Journal
BM2024/06-A005
https://bageesha.in
OPEN ACCESS

# ଦୁର୍ଭିକ୍ଷକୈନ୍ଦ୍ରିକ ଓଡ଼ିଆ ଉପନ୍ୟାସ : ଏକ ଆଲୋଚନା

■ ସୁଷମା ବେହେରା[୧], ଡ. ମମତାରାଣୀ ବେହେରା[୨]
ଗବେଷିକା, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର[୧]
ସହକାରୀ ପ୍ରଫେସର, ଓଡ଼ିଆ ସିଡିଓଇ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର[୨]

Article Received : 18.12.2024 | Accepted : 25.12.2024 | Published : 10.01.2025

**ସାରାଂଶ**

ABSTRACT

ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଅଟେ। ଏଠାରେ ବର୍ଷର ବିଭିନ୍ନ ସମୟରେ ନାନା ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଇଥାଏ। ରାଜ୍ୟରେ କ୍ରମାଗତ ଭାବରେ ବନ୍ୟା, ବାତ୍ୟା, ମରୁଡ଼ି, ଦୁର୍ଭିକ୍ଷ, ଅଂଶୁଘାତ, ଜଳ ସଙ୍କଟ ଭଳି ଋତୁକାଳୀନ ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକ ଦେଖାଯାଇଥାଏ। ପ୍ରକୃତିର ସ୍ୱାଭାବିକ ଗତି କୌଣସି କାରଣରୁ ଖଣ୍ଡିତ ହେଲେ ପୃଥିବୀରେ ସୃଷ୍ଟି ହୁଏ ନାନା ବିପଦ। ଏ ବିପଦ କେବେକେବେ ଏତେ କଠିନ ହୁଏ ଯେ ସାମାଜିକ ଜୀବନର ଗତିଧାରା ବିଶେଷ ପରିବର୍ତ୍ତିତ ହୁଏ। ବାହ୍ୟତଃ ଏହା ଅସମ୍ଭବ ମନେ ହେଉଥିଲେ ହେଁ ନଅଙ୍କ ଦୁର୍ଭିକ୍ଷ ଜନିତ ସାମାଜିକ ବିବର୍ତ୍ତନ ଏକ ଐତିହାସିକ ସତ୍ୟଭାବେ ଏ ମନ୍ତବ୍ୟକୁ ପ୍ରମାଣିତ କରୁଚି। ଓଡ଼ିଆ ଉପନ୍ୟାସରେ ବିଭିନ୍ନ ଘଟଣାର ବର୍ଣ୍ଣନା କିମ୍ବା ପରିସ୍ଥିତି ଓ ପରିବେଶ ପ୍ରସଙ୍ଗରେ ବନ୍ୟା, ବାତ୍ୟା ଓ ଦୁର୍ଭିକ୍ଷପରି ପ୍ରାକୃତିକ ଦୁର୍ଯୋଗର ବର୍ଣ୍ଣନା ରହିଛି। ଏମାନଙ୍କ ମଧ୍ୟରୁ ଦୁର୍ଭିକ୍ଷର ସାମାଜିକ ଜୀବନଚର୍ଯ୍ୟାର ଗତିନିୟନ୍ତା ଭାବେ ଏକ ସ୍ୱତନ୍ତ୍ର ଭୂମିକା ରହିଛି।

BM2024/06-A005

ମୂଳଶବ୍ଦ: ଦୁର୍ଭିକ୍ଷ, ଓଡ଼ିଆ ଉପନ୍ୟାସ, ନ'ଅଙ୍କ ଦୁର୍ଭିକ୍ଷ, ପ୍ରାକୃତିକ ବିପର୍ଯ୍ୟୟ, ଓଡ଼ିଶା, ଉପନ୍ୟାସ

ପ୍ରକୃତିର କୋଳରେ ମନୁଷ୍ୟର ଜନ୍ମ ବିକାଶ ଓ ବିଲୟ। ପ୍ରକୃତିର ଶାନ୍ତକାନ୍ତ ରୂପରେ ମନୁଷ୍ୟ କେତେବେଳେ ବିମୋହିତ ହୁଏ ତ ଆଉ କେତେବେଳେ ପ୍ରକୃତିର କ୍ରୋଧର ଶିକାର ହୁଏ। ବିଭୀଷିକାମୟ ପ୍ରକୃତି ତାର କରାଳ ରୂପରେ ଜୀବଜଗତର ଅଶେଷ କ୍ଷତିସାଧନ କରେ। ପ୍ରକୃତିଦ୍ୱାରା ସୃଷ୍ଟ ବିପଦକୁ ହିଁ ପ୍ରାକୃତିକ ବିପର୍ଯ୍ୟୟ କୁହାଯାଏ। ପ୍ରାୟ ପ୍ରତିବର୍ଷ ଓଡ଼ିଶା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ସମୟର ଅଗ୍ରଗତିରେ ମନୁଷ୍ୟ ବହୁ ସମୟରେ ପ୍ରକୃତିର ଭୟାବହତାଦ୍ୱାରା ପ୍ରଭାବିତ ହୋଇଛି। ଯେଉଁ ପ୍ରକୃତିପାଇଁ ମଣିଷ ବଞ୍ଚିଥାଏ ସେହି ପ୍ରକୃତିର ଭୟଙ୍କର ରୂପପାଇଁ ତାକୁ ସର୍ବଦା ମୃତ୍ୟୁ ମୁଖରେ ସମ୍ମୁଖୀନ ହେବାକୁ ପଡ଼ିଥାଏ। ପ୍ରକୃତିର ପରିବର୍ତ୍ତନ ପାଇଁ ମୁଖ୍ୟତଃ ମନୁଷ୍ୟ ହିଁ ଦାୟୀ। ଏଥିପାଇଁ ରାଜ୍ୟର ବନ, ପାହାଡ, ପର୍ବତ, ଭୌଗୋଳିକ ପରିବେଶ ହିଁ ଦାୟୀ। ମନୁଷ୍ୟ ପ୍ରାକୃତିକ ସମ୍ବଳର ଅପବ୍ୟବହାର କରିବାଦ୍ୱାରା ପୃଥିବୀ ପୃଷ୍ଠରେ ବିଭିନ୍ନ ଦୁର୍ବିପାକ ସୃଷ୍ଟି ହେଉଛି।

ଓଡ଼ିଆ ସାହିତ୍ୟ ଇତିହାସରେ ୧୮୬୬ ମସିହାରେ ଘଟିଥିବା ନ'ଅଙ୍କ ଦୁର୍ଭିକ୍ଷକୁ କେନ୍ଦ୍ରକରି ଅନେକ ଉପନ୍ୟାସ ରଚନା କରାଯାଇଛି। ଏଥିରେ ଲେଖକଙ୍କର ବାସ୍ତବ ଅନୁଭୂତି, ନିଜସ୍ୱ ଆନ୍ତରିକ ଅଭିଜ୍ଞତା, ଉଦ୍ଦେଶ୍ୟ, ସ୍ମୃତି, ନ'ଅଙ୍କ ଦୁର୍ଭିକ୍ଷ ପ୍ରସଙ୍ଗ, ପୃଷ୍ଠଭୂମି, ପରିବେଶ ବିସ୍ତୃତ ରୂପେ ସ୍ଥାନ ପାଇଛି। ତନ୍ମଧ୍ୟରୁ ନଅଙ୍କ ଦୁର୍ଭିକ୍ଷର ବିଭିନ୍ନ ଦିଗ ତାତ୍ପର୍ଯ୍ୟପୂର୍ଣ୍ଣଭାବେ କୁନ୍ତଳା କୁମାରୀ ସାବତଙ୍କ 'କାଳୀବୋହୂ'(୧୯୨୭), ପୀତାମ୍ବରୀ ଦେବୀଙ୍କ 'କାନ୍ତରାବାବୁ'(୧୯୩୧), କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମୁକ୍ତାଗଡର କ୍ଷୁଧା'(୧୯୩୨), 'ଅମରଚିତା'(୧୯୩୩), କାହ୍ନୁଚରଣ ମହାନ୍ତିଙ୍କ 'ହା'ଅନ୍ନ'(୧୯୩୫), 'ଶାସ୍ତି'(୧୯୪୬), ରାମପ୍ରସାଦ ସିଂହଙ୍କ 'ହୋମଶିଖା'(୧୯୩୭), 'ସମାପ୍ତ'(୧୯୬୨), ଜଗନ୍ନାଥ ପ୍ରସାଦ ଦାସଙ୍କ 'ଦେଶ-କାଳ-ପାତ୍ର'(୧୯୯୨), ଶରତ ଚନ୍ଦ୍ର ମିଶ୍ରଙ୍କ 'କଳାହାଣ୍ଡି ଓ ଇନ୍ଦ୍ରଦେବତା'(୨୦୦୫), ଦାଶରଥି ନନ୍ଦଙ୍କ 'ଦଣ୍ଡଧାରୀ'(୨୦୦୭), ହୃଷୀକେଶ ପଣ୍ଡାଙ୍କ 'ଗର୍ବକରିବାର କଥା'(୨୦୧୦), ରାସବିହାରୀଙ୍କ 'ବସୁନ୍ଧରାର କୋହ'(୨୦୧୭) ଆଦି ଉପନ୍ୟାସ ସ୍ଥାନ ପାଇଛି।

ଓଡ଼ିଆ ଉପନ୍ୟାସ ଓ ଦୁର୍ଭିକ୍ଷ ବିଷୟକ ଅନୁଶୀଳନବେଳେ ଦୁର୍ଭିକ୍ଷର ଚରମତା ଓ ତା'ର ପରିଣତି କେଉଁଭଳି ଉପନ୍ୟାସର ବିଷୟ ଓ ପୃଷ୍ଠଭୂମିକୁ ପ୍ରଭାବିତ କରିଛି ସେଇ ଆଧାରରେ ଏହି ଆଲୋଚନାର ପରିକଳ୍ପନା। ପ୍ରାଥମିକ ପର୍ଯ୍ୟାୟରେ

ଅପ୍ରକାଶିତ 'ବିବାସିନୀ'(୧୮୯୧) ଉପନ୍ୟାସରେ ଦୁର୍ଭିକ୍ଷ ଈଶ୍ୱରପ୍ରେରିତ ବୋଲି ବିଶ୍ୱାସ କରାଯାଇଛି। ମନୁଷ୍ୟ ଅନୀତି, ଅନାଚାର, ପାପ କଲେ ଦେବତା ରଷ୍ଟ ହୁଅନ୍ତି ଏବଂ କଠିନ ଶାସ୍ତି ପ୍ରଦାନ କରନ୍ତି। ଏମିତି ଏକ ଧାରଣା ପ୍ରତିଷ୍ଠା କରିବାକୁ ସଚେତନ ଲେଖକ ସତେଅବା କୁଣ୍ଠା କରିନାହାନ୍ତି ।

ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତଙ୍କର '**କାଳୀବୋହୂ**' ଉପନ୍ୟାସରେ ଅନାବୃଷ୍ଟି ଜନିତ ଦୁର୍ଭିକ୍ଷର ଚିତ୍ର ଅବଶ୍ୟ ରହିଛି ଏବଂ ତା ସହିତ ବର୍ଷାଶୂନ୍ୟ ସମୟର କଥା ମଧ୍ୟ ରହିଚି; କିନ୍ତୁ ଏସବୁର ମୂଳ ଉପନ୍ୟାସର କାହାଣୀ ସହିତ ସେତେବେଶୀ ସମ୍ପର୍କ ନାହିଁ। ଯଦିଓ ଉପନ୍ୟାସର ଦ୍ୱିତୀୟ ଭାଗ(ବନ୍ଦ୍ରୋଦୟ) ରେ ସଦାନନ୍ଦଙ୍କୁ ପ୍ରେରିତ କରିବାପାଇଁ ଏହା ନିଶ୍ଚିତ ଭାବରେ ପୃଷ୍ଠଭୂମି ବୋଲି ଅବତାରଣା କରାଯାଇପାରେ। ଉପନ୍ୟାସରେ ବର୍ଷା ନହେବା ପ୍ରସଙ୍ଗଟି ଏକ ଘଟଣାର ଉପକ୍ରମ ମାତ୍ର। ସେ ବର୍ଷ ଓଡ଼ିଶାର ଅବସ୍ଥା ଯେପରି ହୋଇଥିଲା ଊଣା ଅଧିକ ୧୦/୧୨ ବର୍ଷ ମଧ୍ୟରେ ଏପରି କେବେ ହୋଇନଥିଲା। ପ୍ରଥମତଃ ସେସମୟରେ ବର୍ଷା ହେଲା ନାହିଁ। ଧାନ ଗଛ ଠିଆ ଠିଆ କ୍ଷେତରେ ଝାଉଁଳି ଗଲେ। ଦ୍ୱିତୀୟତଃ ସେସମୟରେ ଭାଦ୍ର ଆଶ୍ୱିନ ମାସ ଆଡ଼କୁ ସମ୍ବଲପୁର ଜିଲ୍ଲାରେ ଘୋର ବର୍ଷା ହୋଇ ସବୁ ନଦୀଯାକ ଏ କୂଳ ସେ କୂଳ ଖାଇଲେ। ଭୀଷଣ ଦୁର୍ଭିକ୍ଷ, ଭୟଙ୍କର ମହାମାରୀ ଏବଂ ଏକାନ୍ତ ଆଶ୍ରୟ ହୀନତା ଯୋଗୁଁ ଲକ୍ଷ ଲକ୍ଷ ଓଡ଼ିଆ ଦେଶ ଛାଡ଼ି ପଳାଇଲେ।

'କାଳୀବୋହୂ' ଉପନ୍ୟାସରେ ଏ ଅନାବୃଷ୍ଟିର ବିଭୀଷିକା କିଭଳି ଓଡ଼ିଶାର ସାମାଜିକ, ଆର୍ଥନୀତିକ, ସାଂସ୍କୃତିକ ଓ ଧର୍ମୀୟ ଅବସ୍ଥାକୁ ଭାଙ୍ଗି ଚୂରମାର କରିଛି; ତା'ର ଏକ ବାସ୍ତବ ଚିତ୍ର ପ୍ରଦାନ କରିଛି। ବର୍ଷା କିଭଳି ବଦଳେଇ ଦେଇଛି ଓଡ଼ିଶାର ସ୍ଥିତି – ତା'ର ଏକ ଆଭାସ ମାତ୍ର ହେଉଛି ଉପନ୍ୟାସର ଏକ ଅଂଶ। ଗୋଟିଏ ଜାତି କିଭଳି ତା'ର ଗରିମାମୟ ଅତୀତକୁ ହଜାଇ ଦେଇଛି; ସେ କଥାର ମୂଳରେ ଦୁର୍ଭିକ୍ଷ ଏକ ମୁଖ୍ୟ ସମସ୍ୟାଭାବେ ଲେଖକଙ୍କ ଭାବନାରେ ବେଶ୍ ସ୍ପଷ୍ଟ। 'କାଳୀବୋହୂ' ଉପନ୍ୟାସରେ ବିଷୟ ସହ ସିଧାସଳଖ ନହେଲେ ହେଁ ଉପନ୍ୟାସର ବିବର୍ତ୍ତିତ ସାମାଜିକତାକୁ ଏହା ଅବଶ୍ୟ ପ୍ରତୀକିତ କରିଛି।

'କାଳୀବୋହୂ' ଉପନ୍ୟାସ ପୃଷ୍ଠଭୂମି ସହିତ ଅନେକ ସମାନତା ପରିଲକ୍ଷିତ ହୁଏ ପୀତାମ୍ବରୀ ଦେବୀଙ୍କ '**କାନ୍ତରାବାବୁ**' ଉପନ୍ୟାସ ପରିବେଷଣରେ ସେହି ସ୍ମୃତି କଥନ ରହିଛି। ବଡ଼ି ପଛେ ପଛେ ପୁଣି ସେ ବରଷ ମରୁଡ଼ି ପଡ଼ିଲା। ଲୋକେ ମେଘକୁ ଚାହିଁ ଚାହିଁ ଆଖିରୁ ପାଣି ମଲା। ଦିନେ ଓଳିଏ ନୁହେଁ ଲାଗେ ଲାଗେ ତିନି ବରଷ ଏହିପରି ଦୈବୀଦଣ୍ଡ ପଡ଼ିଲାଣି। ଚାହୁଁ ଚାହୁଁ ଚାରିଆଡ଼େ ଦୁର୍ଭିକ୍ଷ ମାଡ଼ିଗଲା। ଗହଦ ଗୁଲୁଗୁଲି ତା ସାଙ୍ଗକୁ ପୁଣି ପେଟ ବିକଳ। ପିଲାହାତରୁ ମାଆମାନେ ଛଡ଼ାଇ ଖାଇଯାଉଥାନ୍ତି। ଲୋକେ ଭାତ ପତର ଧରି ବସିଥାଆନ୍ତି କିନ୍ତୁ ନଅଙ୍କିଆପଲ ଘରେ ପଶିଯାଇ ଖାଇବା ଲୋକଙ୍କ ହାତକୁ ଧରିପକାଇ ସେ ପତରରୁ ସବୁ ଗାଉଁ ଗାଉଁ କରି ଖାଇଯାଆନ୍ତି। ଲୋକମାନେ ଭୋକରେ ଅଖିଆ ଦରବ ଖାଉଥାଆନ୍ତି। ଯେଉଁଠାରେ ଦେଖିବ ତୁଚ୍ଛା ଅନ୍ନ କାଙ୍ଗାଳ, ହାଡ଼ କଙ୍କାଳ ମାଳ ଧରି ଭେଳା ଭେଳା ହୋଇ ବୁଲୁଥାନ୍ତି। ମୂଳ ବିଷୟବସ୍ତୁ ସହିତ ସିଧାସଳଖ ସମ୍ପର୍କ ନଥିଲେ ହେଁ ଦୁର୍ଭିକ୍ଷର ଚିତ୍ର ଉପସ୍ଥାପନା ଉପନ୍ୟାସରେ ବେଶ୍ ପ୍ରଯୁଜ୍ୟ ।

ଦୁର୍ଭିକ୍ଷର ସାମଗ୍ରିକ ସ୍ଥିତି ତିନୋଟି ଦିଗରୁ ଉପନ୍ୟାସମାନଙ୍କରେ ସ୍ଥାନିତ। ଦୁର୍ଭିକ୍ଷର କାରଣ ପ୍ରଦର୍ଶନ, ଦୁର୍ଭିକ୍ଷ ଜନିତ ସାମାଜିକ ସ୍ଥିତିର ଚିତ୍ରଣ, ଦୁର୍ଭିକ୍ଷ ପର ଜୀବନସ୍ଥିତିର ଅନୁଶୀଳନ।

ନ'ଅଙ୍କ ଦୁର୍ଭିକ୍ଷ ଆଗମନର କାରଣ ଅନେକ। ଅଠରଶହ ପଞ୍ଚଷଠି- ଛଷଠି ମସିହାରେ ଅନିୟମିତ, ଅସ୍ୱାଭାବିକ ବୃଷ୍ଟି; କ୍ରମାଗତ ତିନିବର୍ଷ ବର୍ଷା ନହେବାର ଭୟାନକ ପ୍ରାକୃତିକତା ଏଥିପାଇଁ ଯେପରି ଦାୟୀ, ସେପରି ମଧ୍ୟ ଦାୟୀ ଇଂରାଜୀ ଶାସନ ଜନିତ ଜମିଦାରୀ ବ୍ୟବସ୍ଥାର ଶୃଙ୍ଖଳିତ, ସ୍ଥିର ନିୟମହୀନତା, ବ୍ୟବସାୟିକ ଗୋଷ୍ଠୀ ଓ ଯୋଗାଯୋଗର ଅପରିମିତତା। ଜନଦାରିଦ୍ର୍ୟ ମଧ୍ୟ ଏହାର ଅନ୍ୟତମ ବିଶିଷ୍ଟ କାରଣ। ଅନ୍ୟ ଦେଶରୁ ଓଡ଼ିଶାକୁ ଖାଦ୍ୟ ଯୋଗାଣରେ ଶାସକୀୟ ସମ୍ପୂର୍ଣ୍ଣ ନିସ୍ପୃହତା ଦୁର୍ଭିକ୍ଷର ଭୟାନକତାକୁ ଅଧିକତର କରିଥିଲା। ଉଭୟ ପ୍ରକୃତି ଓ ଶାସକର ଶାସନ ବିଭ୍ରାଟରେ ବଳିହେଲେ ଓଡ଼ିଶାର ଲକ୍ଷ ଲକ୍ଷ ନିରୀହ ମନୁଷ୍ୟ ।

'**ମୁକ୍ତାଗଡ଼ର କ୍ଷୁଧା**' ଉପନ୍ୟାସର ରଚନାକାଳ ୧୯୩୨। ଏହା ହେଉଛି ମାହାତ୍ମାଗାନ୍ଧୀଙ୍କଦ୍ୱାରା ପ୍ରଚାରିତ ସ୍ୱାଧୀନତା ଆନ୍ଦୋଳନର ସମୟ। ଦେଶର ବହୁ ବିଶିଷ୍ଟ ବ୍ୟକ୍ତି ତଥା ଗଡ଼ଜାତ ଅତ୍ୟାଚାରୀ ରାଜା ଏବଂ ଇଂରେଜମାନଙ୍କ ହୃଦୟ ପରିବର୍ତ୍ତନପାଇଁ ମାହାତ୍ମାଗାନ୍ଧୀ ଯେଉଁ ପ୍ରଚେଷ୍ଟା କରିଥିଲେ, ତାହାରି ପ୍ରତିଛବି 'ମୁକ୍ତାଗଡ଼ର କ୍ଷୁଧା'ରେ ଦେଖିବାକୁ ମିଳେ। 'ମୁକ୍ତାଗଡ଼ର କ୍ଷୁଧା' ଉପନ୍ୟାସରେ ମଧ୍ୟ ଓଡ଼ିଶାର ମେରୁଦଣ୍ଡ ହଲାଇ ଦେଇଥିବା ନଅଙ୍କ ଦୁର୍ଭିକ୍ଷର ସଂକେତ ଦେଖିବାକୁ ମିଳେ। ନଅଙ୍କ ଦୁର୍ଭିକ୍ଷର ସମୟ ହେଲା ୧୮୬୫ ଓ ୬୬। ସେତେବେଳେ ଲେଖକ ଜନ୍ମ ଗ୍ରହଣ କରିନଥିଲେ; କିନ୍ତୁ ଦରିଦ୍ର ନିରନ୍ନ ଜନତାର ଆର୍ତ୍ତନାଦ କରୁଣ ସ୍ମୃତି ତାଙ୍କ ଉପନ୍ୟାସରେ ପ୍ରାଣ ଲାଭ କରିଛି। ଏଥି ସହିତ କିପରି କଠିନ ସମୟ ବହୁ ନିଷ୍ଠୁର ହୃଦୟକୁ ପରିବର୍ତ୍ତିତ କରି ଉଦାର କରିଦେଇଥାଏ, ମାନବ ଜୀବନର ଏହି ଚିରନ୍ତନ ସତ୍ୟକୁ ପ୍ରତିପାଦନ କରିବାପାଇଁ ଲେଖକ ନଅଙ୍କ ଦୁର୍ଭିକ୍ଷକୁ ଗ୍ରହଣ କରିଛନ୍ତି। 'ମୁକ୍ତାଗଡ଼ର କ୍ଷୁଧା' ଦୁଇ ଭାବେ ପ୍ରକାଶିତ। ଯେଉଁ ମନୁଷ୍ୟ ଯୌବନର ମାଦକତାରେ ଶାରୀରିକ କ୍ଷୁଧା ନିବାରଣ କରିବାପାଇଁ ବିଭିନ୍ନ ପ୍ରକାର ଅପକର୍ମ କରିପାରେ ସେହି ମନୁଷ୍ୟ ମାନସିକ କ୍ଷୁଧା ନିବାରଣ କରିବାପାଇଁ ହୁଏ ଉନ୍ନତ, ଉଦାର, ପରୋପକାରୀ ଓ ପ୍ରଜାବତ୍ସଳ। 'ମୁକ୍ତାଗଡ଼ର କ୍ଷୁଧା' କେବଳ ଏକ ଜୀବନ୍ତ ପରିପ୍ରକାଶ ନୁହେଁ, ଏହି କ୍ଷୁଧା ଭିତରେ ମଣିଷର ଅନ୍ତର ପୁରୁଷର ବିଶାଳ ବୁଭୁକ୍ଷା ରୂପାୟିତ ହୋଇଛି। ଏହି କ୍ଷୁଧା ଅନ୍ନପାଇଁ କ୍ଷୁଧାରେ ସୀମିତ ନୁହେଁ। ମଣିଷର ମନ, ପ୍ରାଣର ଯେଉଁସବୁ ଅବ୍ୟକ୍ତ କ୍ଷୁଧାମାନ ରହିଛି ସତ୍ୟପାଇଁ, ନ୍ୟାୟପାଇଁ, ପ୍ରେମପାଇଁ ମଣିଷର ପରାପ୍ରକୃତି ଯେଉଁ ଆତ୍ମ

ଦହନରେ ସନ୍ତୁଳିତ ହେଉଛି, ସେଇ ସନ୍ତୁଳନର କିଞ୍ଚିତ ଉତ୍ତାପ 'ମୁକ୍ତାଗଡ଼ର କ୍ଷୁଧା' ଉପନ୍ୟାସଟି ପାଠକର ଚିତ୍ତରେ ସଞ୍ଚରିତ କରିଥାଏ।

ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରତିରୋଧ କରିବା ମନୁଷ୍ୟର ଆୟତ୍ତ ବାହାରେ; ମାତ୍ର ପୂର୍ବରୁ କୌଣସି ପ୍ରାକୃତିକ ବିପର୍ଯ୍ୟୟର ସୂଚନା ପାଇଲେ ଲୋକମାନେ ତାର ସମ୍ମୁଖୀନ ହେବାପାଇଁ ପ୍ରସ୍ତୁତ ହୋଇପାରିବେ। ବିପର୍ଯ୍ୟୟ ସମୟରେ କି ପ୍ରତିକାର କରାଯାଇପାରେ ଓ ବିପର୍ଯ୍ୟୟ ଘଟିବାର ପରବର୍ତ୍ତୀ ଅବସ୍ଥାରେ କିପରି ମୁକାବିଲା କରିବାକୁ ହେବ ସେ ବିଷୟରେ ସମସ୍ତେ ସଚେତନ ହେବା ବିଶେଷ ଗୁରୁତ୍ୱପୂର୍ଣ୍ଣ।

ଅନୁରୂପ ଭାବରେ ୧୯୩୩ ମସିହାରେ ପ୍ରକାଶିତ ଔପନ୍ୟାସିକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ **'ଅମରଚିତା'** ମଧ୍ୟ ଦୁର୍ଭିକ୍ଷକୈନ୍ଦ୍ରିକ ଉପନ୍ୟାସ। ଏହା 'ମୁକ୍ତାଗଡ଼ର କ୍ଷୁଧା' ଉପନ୍ୟାସର ପରବର୍ତ୍ତୀ ଉପନ୍ୟାସ କହିଲେ ଅତ୍ୟୁକ୍ତି ହେବନାହିଁ। ରାଜା ଶୁଭକାନ୍ତ ଦୁର୍ଭିକ୍ଷ ସମୟରେ ଲୋକମାନଙ୍କୁ ରକ୍ଷାକରିବାପାଇଁ ଯେଉଁ ପଦକ୍ଷେପ ନେଇଛନ୍ତି; ତାହା ଏଥିରେ ବର୍ଣ୍ଣିତ ହୋଇଛି।

ଦୁର୍ଭିକ୍ଷ ସମୟରେ ସ୍ୱାମୀ କିପରି ବଳପୂର୍ବକ ସ୍ତ୍ରୀଠାରୁ ଖାଦ୍ୟ ଛଡ଼ାଇ ନେଇ ନିଜ ଭୋକ ମେଣ୍ଟାଉଛି, ମା'ମାନେ ସନ୍ତାନମାନଙ୍କଠାରୁ ଖାଦ୍ୟ ଲୁଚାଇ ଖାଉଛନ୍ତି, ସେମାନେ ଭୋକ ନିକଟରେ କେହି କାହାକୁ ଚିହ୍ନିପାରୁନାହାନ୍ତି। ଦୁର୍ଭିକ୍ଷରୁ ଲୋକମାନେ କିପରି ରକ୍ଷାପାଇବେ ସେଥିପାଇଁ ସନାତନ ଓ ଶୁଭକାନ୍ତ ସାହାଯ୍ୟ କରିବାପାଇଁ ଚାହିଁଛନ୍ତି। ସେଦୁହେଁ ଦେଖିଛନ୍ତି ଲୋକଙ୍କପାଇଁ ଯେଉଁ ଅନ୍ନଛତ୍ର ଖୋଲା ଯାଇଥିଲା; ତାହା କାଳକ୍ରମେ ବନ୍ଦ ହୋଇଛି। ସରକାର ମଧ୍ୟ ଲୋକମାନଙ୍କୁ ସହାୟତା ଆଉ କରୁନାହାନ୍ତି। ଜମିଦାରମାନେ ସାଧାରଣ ଲୋକଙ୍କୁ ହଇରାଣ କରୁଛନ୍ତି। ରାଜା ଲୋକମାନଙ୍କୁ ସାହାଯ୍ୟ କରିବାପାଇଁ ଧନୀଶ୍ରେଣୀର ଲୋକମାନଙ୍କ ପାଖରେ ଭିକ୍ଷା କରୁଛନ୍ତି। ନିଜ ସମ୍ମାନକୁ ନ ଦେଖି ଲୋକମାନଙ୍କପାଇଁ ନିଜ ଜୀବନ ଉତ୍ସର୍ଗ କରିଦେଇଛନ୍ତି। ଔପନ୍ୟାସିକ ଦୁର୍ଭିକ୍ଷର ଘଟଣାକୁ ସଫଳ ରୂପେ ଚିତ୍ରଣ କରିଛନ୍ତି। ଦୁର୍ଭିକ୍ଷପାଇଁ ସମସ୍ତ ବ୍ୟକ୍ତିଙ୍କର ସ୍ଥିତି ଓ ପରିଚୟ ବଦଳି ଯାଇଛି। ରାଜା ଜଣେ ସାଧାରଣ ଲୋକ ଭାବରେ ଦଣ୍ଡାୟମାନ ହୋଇଛନ୍ତି। ସେ ସାଧାରଣ ଲୋକମାନଙ୍କ ପରି ଖାଇବାକୁ ନ ପାଇ ଅସହ୍ୟ ଯନ୍ତ୍ରଣା ଓ କଷ୍ଟ ପାଇଛନ୍ତି।

ଔପନ୍ୟାସିକ କାହ୍ନୁଚରଣ ମହାନ୍ତି ୧୯୧୫/୧୬ ମସିହାରେ ଉତ୍ତର ଓଡ଼ିଶା ଗଡ଼ଜାତମାନଙ୍କରେ ଯେଉଁ ଅନାବୃଷ୍ଟି ହୋଇ ଦୁର୍ଭିକ୍ଷ ହୋଇଥିଲା ତାହାକୁ ସେ ଅତି ନିକଟରୁ ଦେଖିଛନ୍ତି। ଆଖି ଆଗରେ ଦେଖିବାକୁ ବାସ୍ତବ ଛବିକୁ ୧୮୬୬ ମସିହାରେ ଘଟିଥିବା ନଅଙ୍କ ଦୁର୍ଭିକ୍ଷ ଆଡ଼କୁ ଟାଣି ନେଇଛି। ୧୮୬୬ ମସିହାରେ 'ହା'ଅନ୍ନ'ର ଚିତ୍କାରରେ କିପରି ଲୋକମାନେ ମୃତ୍ୟୁବରଣ କରୁଥିଲେ; ତାହାକୁ ସେ ହୃଦୟରେ ଅନୁଭବ କରିଛନ୍ତି ଏବଂ ଔପନ୍ୟାସିକ ଏହି କଥାବସ୍ତୁକୁ **'ହା'ଅନ୍ନ'** ଉପନ୍ୟାସରେ ସ୍ଥାନ ଦେଇଛନ୍ତି। ୧୮୧୪-୧୫ ବେଳର ଅନାବୃଷ୍ଟି ଯୋଗୁଁ ଓଡ଼ିଆ ଜମିଦାରଗଣ ରାଜସ୍ୱ ଦେଇ ନପାରି ସରକାରଙ୍କୁ ଏକ ଆବେଦନ ଜଣାଇଲେ। ଓଡ଼ିଶାର ଜୀବନ ମରଣ ସମସ୍ୟା ୧୮୧୭ ମସିହାରେ ରାଜସ୍ୱ ବାକିରେ ଓଡ଼ିଶାର ବଡ଼ଛୋଟ ଅସଂଖ୍ୟ ଜମିଦାରୀ ମାହାଲା କଲିକତା ସହରରେ ନିଲାମ ହୋଇଗଲା। କେହି ଏହି ଦୁର୍ଦ୍ଦିନ ପରିସ୍ଥିତିକୁ ଦୃଷ୍ଟିପାତ କିମ୍ବା କର୍ଣ୍ଣପାତ କଲେ ନାହିଁ। ଜମିଦାର ବଙ୍ଗାଳୀ ହୋଇ କଲିକତାରେ ରହିଲେ। ଓଡ଼ିଶାର ଜମିଦାରୀକୁ ଅର୍ଥାଗମର ଏକମାତ୍ର କ୍ଷେତ୍ର ଭାବିନେଲେ। ଗୁମାସ୍ତାଦ୍ୱାରା ସର୍ବବିଧ ଅତ୍ୟାଚାର କରି ଅର୍ଥାଦାୟ କରିବାକୁ ଲାଗିଲେ। କୃଷକ ହେଲେ ଦରିଦ୍ରତର। ଅମାର ସବୁ ଶୂନ୍ୟ ପଡ଼ିଲା। ଚାଷପାଇଁ ବୈରାଗ୍ୟ ଜାତ ହେଲା। ଏହି ଭିତରେ ପରିସ୍ଥିତିକୁ ସଙ୍ଗୀନ କରି ନଅଙ୍କ ଦୁର୍ଭିକ୍ଷ ପହଞ୍ଚିଲା। ମୁମୂର୍ଷୁପ୍ରାୟ ଅତ୍ୟାଚାରିତ ନିପୀଡ଼ିତ ଶୁଷ୍କଗର୍ଭ କୃଷକ ତାର ମୃତ୍ୟୁକୁ ଅପେକ୍ଷା କଲା। ପରିଶୋଭର ଲେଖକ କଦାପି ଦୁର୍ଭିକ୍ଷକୁ ବିଧିସୃଷ୍ଟି କହି ନାହିଁ, ଯଦିଓ ଏ ଦୁର୍ଘୋର ଅବସ୍ଥାରୁ ମୁକ୍ତି ଲଭିବାପାଇଁ ସେମାନେ ନାନାଭାବେ ଦେବତାର ସହାୟତା ଭିକ୍ଷା କରିଛନ୍ତି।

୧୮୬୬ ମସିହା ଅଗଷ୍ଟ ମାସ ୧୫ ତାରିଖରେ ଗ୍ରାମରେ ଲୋକମାନେ ଖାଇବାକୁ ପାଇନାହାନ୍ତି। ସବୁଆଡେ ଜଳାଭାବ ଦେଖାଦେଇଛି। ଲୋକମାନେ ଅଖାଦ୍ୟ ଖାଇ ବଞ୍ଚିଛନ୍ତି। ବିଭିନ୍ନ ସ୍ଥାନରେ ଲୋକେ ଖାଇବାକୁ ନପାଇ ଘର ଛାଡ଼ିଛନ୍ତି। ଖରାଦିନେ କୁଅରୁ ପାଣି ଶୁଖି ଯିବାରୁ ବହୁ ଲୋକ ଦୂର ଜାଗାକୁ ପାଣି ଆଣିବାକୁ ଯାଇଛନ୍ତି। ଚାରିଆଡ଼େ ହଇଜା ବ୍ୟାପିଛି। ଲୋକମାନଙ୍କ ମନରେ ଆତଙ୍କ ସୃଷ୍ଟି ହୋଇଛି। ନିଜକୁ ରକ୍ଷା କରିବାପାଇଁ ଯେତେ ଠାକୁରଙ୍କୁ ପୂଜା କଲେ ମଧ୍ୟ ଏହି ଅନ୍ଧବିଶ୍ୱାସ ଯୋଗୁଁ ଲୋକେ ମୃତ୍ୟୁବରଣ କରିଛନ୍ତି। ଦୁର୍ଭିକ୍ଷ ସମସ୍ତଙ୍କର ପରିଚୟକୁ ହଜାଇଦେଇଛି। 'ମୁକ୍ତାଗଡ଼ର କ୍ଷୁଧା', 'ଅମରଚିତା' ଉପନ୍ୟାସରେ ରାଜା ଶୁଭକାନ୍ତ ଦୁର୍ଭିକ୍ଷରେ ଘଟୁଥିବା ବିଭିନ୍ନ ଘଟଣା ଦେଖିଛନ୍ତି। ଶୁଭକାନ୍ତ ସମସ୍ତଙ୍କୁ ସାହାଯ୍ୟ କରିବାପାଇଁ ଅଣ୍ଟା ଭିଡ଼ିଥିବାବେଳେ; ଜଗୁ ସମସ୍ତଙ୍କଠାରୁ ଦୂରେଇ ନିଜେ ବଞ୍ଚିବାକୁ ଚାହିଁଛି। ଇଂରେଜ ସରକାରଙ୍କ ମନୋମୁଖୀ ଶାସନ, ଦେଶୀୟ ଜମିଦାରଙ୍କ ଅପାରଗତା କାର୍ଯ୍ୟପାଇଁ ବହୁଲୋକ ମୃତ୍ୟୁବରଣ କରିଛନ୍ତି।

ଅନୁରୂପ ଭାବରେ କାହ୍ନୁଚରଣ ମହାନ୍ତିଙ୍କ ଅନ୍ୟ ଏକ ଉପନ୍ୟାସ **'ଶାସ୍ତି'** ଦୁର୍ଭିକ୍ଷକୈନ୍ଦ୍ରିକ। ଏଥିରେ ଦୁର୍ଭିକ୍ଷ ସମୟର ଚିତ୍ର ସ୍ଥାନ ପାଇ ନାହିଁ। ଦୁର୍ଭିକ୍ଷ ପରବର୍ତ୍ତୀ ସମାଜର ଚିତ୍ର, ମନୁଷ୍ୟର ବାସ୍ତବ ସଂଘର୍ଷ, କଷ୍ଟ ଜର୍ଜରିତ ଜୀବନଯାପନ, ଘରବାଡ଼ି, ଚାଷଜମି ହରେଇବା, ଜାତି ହରେଇବା, ଛତରରେ ଖାଇବା, ଜାତିରେ ମିଶିବା ଏବଂ ଏସବୁ ଭିତର ଦେଇ ମଣିଷ କିପରି ଏକ ସାମାଜିକ, ସାଂସ୍କୃତିକ, ଶାରୀରିକ, ମାନସିକ ସମ୍ପର୍କର ସମ୍ମୁଖୀନ ହେଉଛି ତା'ର ଏକ ଜୀବନ୍ତ ରୂପ ବର୍ଣ୍ଣିତ।

ଔପନ୍ୟାସିକ ରାମପ୍ରସାଦ ସିଂହଙ୍କ **'ହୋମଶିଖା'** ଉପନ୍ୟାସରେ ଦୁର୍ଭିକ୍ଷର କଥା ବର୍ଣ୍ଣନା ହୋଇଛି। ଏଥିରେ ଦୁର୍ଭିକ୍ଷ ସହ ଧନୀକ ଶ୍ରେଣୀ ବିରୁଦ୍ଧରେ ଆନ୍ଦୋଳନର ଚିତ୍ର ସ୍ଥାନିତ। ଦୁର୍ଭିକ୍ଷ କିଭଳି ମଣିଷଙ୍କୁ ଦୁର୍ଗତି ଆଡ଼କୁ ଠେଲି

ଦେଇଛି ବହୁ ନରନାରୀ ନିଜ ପରିବାରକୁ ହରାଇ କିଭଳି ନିସ୍ୱ ହୋଇଛନ୍ତି ଏବଂ ଦୁର୍ଭିକ୍ଷପାଇଁ ଚାରିଆଡେ କିଭଳି ହାହାକାର ସ୍ୱର ଶୁଣାଯାଇଛି ତାହାର ବାସ୍ତବ ଚିତ୍ର ଦେଖିବାକୁ ମିଳେ ଏହି 'ହୋମଶିଖା' ଉପନ୍ୟାସରେ। ଦୁର୍ଭିକ୍ଷରେ ଜମିଦାରମାନେ ସାଧାରଣ ଗରିବ ଲୋକମାନଙ୍କ ଉପରେ ଅତ୍ୟାଚାର କରିବାର ଚିତ୍ର ଏହି ଉପନ୍ୟାସ ମଧ୍ୟରେ ସ୍ଥାନିତ ।

ରାମପ୍ରସାଦ ସିଂଙ୍କ ଅନ୍ୟ ଏକ ଉପନ୍ୟାସ '**ସମାପ୍ତ**' ରେ ଦୁର୍ଭିକ୍ଷର ବ୍ୟାପକତା ଓ ଭୟାନତାକୁ ବୃଦ୍ଧି କରାଇବାରେ ସରକାରୀ କର୍ମଚାରୀଙ୍କ ଦାୟିତ୍ୱହୀନତା, ହୃଦୟହୀନତା ଓ ସ୍ୱାର୍ଥପରତାକୁ ତୀବ୍ର ସମାଲୋଚନା କରାଯାଇଛି। ସ୍ୱାର୍ଥସର୍ବସ୍ୱ ଦାୟିତ୍ୱହୀନ ଲୋକଙ୍କପାଇଁ ଦୁର୍ଭିକ୍ଷର ସ୍ୱାଭାବିକ ଭୟାନକତା ଅପେକ୍ଷା ଲକ୍ଷଗୁଣ ଅଧିକ ଭୀତପ୍ରଦ ଓ ମୃତ୍ୟୁମୁଖୀ ହୋଇପଡ଼ିଥିଲା। ଐତିହାସିକ ସତ୍ୟତା ପ୍ରତି ପଟିଶୋଉର ଲେଖକ ସବୁବେଳେ ଶ୍ରଦ୍ଧାଶୀଳ ଓ ତାର ପ୍ରଦର୍ଶନରେ ବିଶେଷ ନିଷ୍ଠାବାନ। ଔପନ୍ୟାସିକ ୧୯୪୨-୪୩ ମସିହାରେ ହୋଇଥିବା ଦୁର୍ଭିକ୍ଷର ଚିତ୍ରକୁ ଏହି ଉପନ୍ୟାସରେ ବର୍ଣ୍ଣନା କରିଛନ୍ତି। ଦୁର୍ଭିକ୍ଷରେ କଷ୍ଟ ପାଉଥିବା ଲୋକଙ୍କପାଇଁ ସରକାର ବିଭିନ୍ନ ଯୋଜନା ଯୋଗାଉଛନ୍ତି; କିନ୍ତୁ ସେସବୁ ସାଧାରଣ ଗରିବ ଜନତା ପାଇପାରୁନାହାନ୍ତି। ଉଚ୍ଚଶ୍ରେଣୀୟ ବ୍ୟକ୍ତିମାନେ ଖଟିଖିଆ ମୂଲିଆଙ୍କପାଇଁ ଆସୁଥିବା ସମସ୍ତ ଜିନିଷକୁ ହଡ଼ପ କରି ଧନୀ ହେଉଛନ୍ତି। ସେହି ନିରୀହ ନିରସ୍ତ୍ର ଜନତାମାନେ ଦୁର୍ଭିକ୍ଷରେ ସାମାନ୍ୟ ଜିନିଷ ପାଇବାରୁ ବଞ୍ଚିତ ହୋଇ ମୃତ୍ୟୁବରଣ କରୁଛନ୍ତି।

ଔପନ୍ୟାସିକ ଜଗନ୍ନାଥ ପ୍ରସାଦ ଦାଶଙ୍କ '**ଦେଶ-କାଳ-ପାତ୍ର**' ଉପନ୍ୟାସରେ ଦୁର୍ଭିକ୍ଷ କଥାବସ୍ତୁ ସ୍ଥାନିତ। ଏହି ଉପନ୍ୟାସରେ କାଳ୍ପନିକତା ଅପେକ୍ଷା ସତ୍ୟତା ବିଶେଷ ଭାବରେ ସ୍ଥାନ ପାଇଛି। ଲେଖକ ନିଜସ୍ୱ ଦୃଷ୍ଟିକୋଣରୁ ନଅଙ୍କ ଦୁର୍ଭିକ୍ଷକୁ ଦେଖିଛନ୍ତି ଏବଂ ଏହାର ବାସ୍ତବ ସତ୍ୟାସତ୍ୟକୁ ରୂପ ଦେଇଛନ୍ତି। ଏଥିରେ କାହାଣୀ ନାହିଁ, କଥାବସ୍ତୁ ଚିରନ୍ତନ ବାସ୍ତବ ଏବଂ ଏଥିରେ ସତ୍ୟ ଚରିତ୍ର ସ୍ଥାନିତ। ଇଂରେଜ ସରକାରଙ୍କ ମନୋମୁଖୀ ଶାସନ, ରାଜାମାନଙ୍କର ବେଖାତିର ପଣିଆ ମନୋଭାବ, ଦେଶୀୟ ଜନତାଙ୍କର ଦୋମୁହାଁ ନୀତି ଆଦି ବିଭିନ୍ନ କାରଣରୁ ବିପୁଳ ସଂଖ୍ୟାରେ ଲୋକ ନଅଙ୍କ ଦୁର୍ଭିକ୍ଷରେ ପ୍ରାଣ ହରାଇଛନ୍ତି। ଇଂରେଜ ସରକାରଙ୍କପାଇଁ ଦୁର୍ଭିକ୍ଷରେ ଅଧିକ ଲୋକ ମରିଯିବାର କଥା 'ମୁକ୍ତାଗଡ଼ର କ୍ଷୁଧା', 'ଅମରଚିତା', 'ହା'ଅନ୍ନ', 'ସମାପ୍ତି' ଆଦି ଉପନ୍ୟାସରେ ସ୍ଥାନପାଇଛି।

ଔପନ୍ୟାସିକ ଶରତ ଚନ୍ଦ୍ର ମିଶ୍ରଙ୍କ '**କଳାହାଣ୍ଡି ଓ ଇନ୍ଦ୍ରଦେବତା**' ଉପନ୍ୟାସରେ କଳାହାଣ୍ଡିର ଦୁର୍ଭିକ୍ଷ କଥା ସ୍ଥାନ ପାଇଛି। ବର୍ତ୍ତମାନର ନୂଆପଡ଼ା ଜିଲ୍ଲା ସେତେବେଳେ କଳାହାଣ୍ଡି ଜିଲ୍ଲାର ଅଂଶବିଶେଷ ଥିଲା। ୧୯୬୬ ମସିହାରେ ଅନାବୃଷ୍ଟିଜନିତ ଖରିଆର ଅଞ୍ଚଳରେ ଦୁର୍ଭିକ୍ଷ ଅବସ୍ଥା ସୃଷ୍ଟି ହୋଇଥିଲା। ସେ ସମୟର କରାଳ ଦୃଶ୍ୟ ଏହି ଉପନ୍ୟାସରେ ସ୍ଥାନିତ। ଲେଖକ ୧୯୯୧ ମସିହାରେ ଆଉଥରେ କଳାହାଣ୍ଡି ଅଞ୍ଚଳକୁ ଭ୍ରମଣ କରିବାକୁ ଯାଇଥିଲେ। ଦୀର୍ଘ ୨୫ ବର୍ଷ ମଧ୍ୟରେ ସେ ଅଞ୍ଚଳର ବିଶେଷ କିଛି ଉନ୍ନତିକର କାର୍ଯ୍ୟ ନ ହୋଇଥିବା ଦେଖି ତାଙ୍କର ମନ ଖୁବ୍ ବ୍ୟଥିତ ହୋଇଥିଲା; ଯାହାର ଫଳସ୍ୱରୂପ 'କଳାହାଣ୍ଡି ଓ ଇନ୍ଦ୍ରଦେବତା' ଉପନ୍ୟାସର ଜନ୍ମ।

ଖରିଆରଠାରୁ ୧୨କି.ମି. ଦୂରରେ ଥିବା ଭଟିମୁଣ୍ଡା ଗାଁର ଲୋକମାନେ ଦୁର୍ଭିକ୍ଷରେ ଶିକାର ହୋଇଛନ୍ତି। ସେଠାକାର ଚାଷୀଭାଇ ବର୍ଷାକୁ ଚାତକ ପକ୍ଷୀପରି ଅନେଇ ରହିଛନ୍ତି। କିନ୍ତୁ ବର୍ଷା ନ ହେବାରୁ କେହି କେହି ଗାଆଁ ଛାଡ଼ି ଦୂରକୁ ଚାଲିଯାଇଛନ୍ତି ତ କେହି କେହି ସାହୁକାରଙ୍କଠାରୁ ଆଣିଥିବା ଋଣସବୁ କିପରି ସୁଝିବେ ସେ ଚିନ୍ତାରେ ବ୍ୟସ୍ତ ବିବ୍ରତ ହୋଇପଡ଼ିଛନ୍ତି। ସେଠାକାର ଲୋକମାନେ ଭାବିଛନ୍ତି ବୋଧହୁଏ ଇନ୍ଦ୍ରଦେବତା ତାଙ୍କ ଉପରେ ଖୁସି ନାହାନ୍ତି ଏଥିପାଇଁ ସେ ଅନେକ ପୂଜାର୍ଚ୍ଚନା କରି ମଧ୍ୟ ନିରାଶ ହୋଇଛନ୍ତି। ସରକାରୀ ଲୋକମାନଙ୍କର ସ୍ୱାର୍ଥଭାବ, ମନଇଚ୍ଛା ଶାସନପାଇଁ ସାଧାରଣ ଜନତା ବହୁ ଅସୁବିଧାର ଶିକାର ହୋଇଛନ୍ତି ସେମାନେ ଦୁର୍ଭିକ୍ଷରେ ଲୋକମାନଙ୍କପାଇଁ ସୁବ୍ୟବସ୍ଥା ନକରି ନିଜର ବଦଳି ହେବା ଚିନ୍ତା କରିବା କଥା ମଧ୍ୟ ଉପନ୍ୟାସରେ ସ୍ଥାନିତ।

ସେହିପରି ଦାଶରଥି ନନ୍ଦଙ୍କ '**ଦଣ୍ଡଧାରୀ**' ଉପନ୍ୟାସରେ କଳାହାଣ୍ଡି ଜିଲ୍ଲାର କଥା ସ୍ଥାନ ପାଇଛି। ୧୯୬୫ ମସିହାରେ କଳାହାଣ୍ଡିରେ ମରୁଡି ପଡ଼ିଥିଲା। ଏହାର ପ୍ରଭାବ ଦୁଇବର୍ଷ ଯାଏ ରହିଥିଲା। ଔପନ୍ୟାସିକ ପ୍ରତ୍ୟକ୍ଷଭାବେ ଦୁର୍ଭିକ୍ଷ ଘଟଣାକୁ ଅଙ୍ଗେ ଲିଭାଇଛନ୍ତି ଏବଂ ଅତି ନିକଟରୁ ରାଜନୈତିକ ବ୍ୟକ୍ତି ଓ ପ୍ରଶାସନିକ ବ୍ୟକ୍ତିମାନଙ୍କ ଅପାରଗତା ଦେଖିବାକୁ ପାଇଛନ୍ତି। ଯାହାକୁ ଔପନ୍ୟାସିକ ସ୍ଥାନ ଦେଇଛନ୍ତି 'ଦଣ୍ଡଧାରୀ' ଉପନ୍ୟାସର କଥାବସ୍ତୁରେ।

ଔପନ୍ୟାସିକ ରାସବିହାରୀ ବେହେରାଙ୍କ '**ବସୁନ୍ଧରାର କୋହ**'ରେ ଦୁର୍ଭିକ୍ଷ ଓ ଦାଦନ ସମସ୍ୟା ସ୍ଥାନପାଇଛି। ଏତେ ଦିନ ଧରି ଦେଶ ସ୍ୱାଧୀନ ପାଇଲେ ମଧ୍ୟ ଦେଶରେ ବେରୋଜଗାର ଦେଖାଯାଉଛି। ଯେଉଁଥିପାଇଁ ଲୋକମାନେ ନିଜ ଅଞ୍ଚଳରେ କାର୍ଯ୍ୟ କରିବାର ସୁଯୋଗ ନ ପାଇ କାମ କରିବାକୁ ବାହାରକୁ ଯାଇଛନ୍ତି। ଦୁର୍ଭିକ୍ଷ ଯୋଗୁଁ ଲୋକମାନେ ଗାଁ ଛାଡ଼ି ଦାଦନ ଖଟିବାକୁ ଯାଆନ୍ତି। ଦାଦନ ଖଟିଲାବେଳେ କଣ୍ଟ୍ରାକ୍ଟରମାନଙ୍କ ଦ୍ୱାରା ଶୋଷିତ ହୁଅନ୍ତି, ସେଠି ଠିକ୍ ରୂପେ କାର୍ଯ୍ୟ ନ କରିପାରିଲେ ଅତ୍ୟାଚାର ସହିବାକୁ ପଡେ ଏବଂ ଯିଏ ସେହି ସମୟରେ ଘରକୁ ଯିବାପାଇଁ ବାହାରେ ସେମାନେ ତାକୁ ଯିବାକୁ ଛାଡ଼ନ୍ତି ନାହିଁ। କାମ କରୁଥିବା ସମୟରେ ସେମାନଙ୍କର ମୃତ୍ୟୁ ହେଲେ କ୍ଷତି ପୂରଣ ମିଳେ ନାହିଁ। ରାଜନୀତିକ କର୍ମଚାରୀମାନେ ନିର୍ବାଚନ ସମୟରେ ଲୋକମାନଙ୍କୁ ଯେତେ ମିଛ ପ୍ରତିଶ୍ରୁତି ଦେଲେ ମଧ୍ୟ ତାହା କାର୍ଯ୍ୟକାରୀ କରନ୍ତି ନାହିଁ। ଯାହାଫଳରେ ସାଧାରଣ ଜନତା ଦୁର୍ଭିକ୍ଷ ଭଳି ମହାମାରୀରେ ମୃତ୍ୟୁବରଣ କରନ୍ତି।

ହୃଷୀକେଶ ପଣ୍ଡାଙ୍କ '**ଗର୍ବକରିବାର କଥା**' ଉପନ୍ୟାସରେ ଯେଉଁ ଦୁର୍ଭିକ୍ଷର ପୃଷ୍ଠଭୂମି ଓ ଚିତ୍ର ଅତ୍ୟନ୍ତ ସୂକ୍ଷ୍ମଭାବେ ବର୍ଣ୍ଣିତ ହୋଇଛି, ତାହା ମୁଖ୍ୟତଃ ଉତ୍ତର ଓଡ଼ିଶା ବା ବିଶେଷ ଭାବରେ ବାଲେଶ୍ୱର ଅଞ୍ଚଳକୁ ଭିତ୍ତିକରି ରଚିତ ହୋଇଛି। କାଳିଦାସପୁର

ଅଞ୍ଚଳକୁ ଭିତ୍ତିକରି କିଭଳି ଜଣେ ଜମିଦାରୀର ସଚେତନ ମହିଳା ଅଣ୍ଟାଭିଡ଼ି ଏତେ ବଡ ନଅଙ୍କ ଦୁର୍ଭିକ୍ଷର ଗ୍ରାସରୁ ନିଜ ଜମିଦାରୀକୁ ରକ୍ଷା କରିବାର ପ୍ରଚେଷ୍ଟା କରିଛନ୍ତି, ତାର ଚିତ୍ର ଉପନ୍ୟାସରେ ରୂପ ପାଇଛି। ବ୍ରିଟିଶ ସରକାରଙ୍କ ଷଡ଼ଯନ୍ତ୍ର ଏବଂ ବିଭିନ୍ନ ଇଂରେଜ ସରକାରଙ୍କ ଅଧୀନସ୍ଥ ବିଭିନ୍ନ ଅଫିସରଙ୍କର ଓଡ଼ିଶା ପ୍ରତି ଅସୂୟାଭାବ ଓ ଧୂର୍ତ୍ତତାର ଚିତ୍ର ଏହି ଉପନ୍ୟାସରେ ରହିଛି। ତତ୍ ସହିତ ମୟୂରଭଞ୍ଜଠାରୁ ବାମନଘାଟି ଅଞ୍ଚଳକୁ ବିଚ୍ଛିନ୍ନ କରିଦେବାର ରାଜନୀତିକ ଷଡ଼ଯନ୍ତ୍ର ମଧ୍ୟ ଏଥିରେ ସ୍ଥାନ ପାଇଛି। ସେହିଭଳି ରେଭେନ୍ସା କଲେଜ ନିର୍ମାଣବେଳେ ପ୍ରାପ୍ତ ଅର୍ଥପାଇଁ ମହାରାଜାଙ୍କୁ ଉପାଧି ପ୍ରଦାନ କରିବା ସହିତ ବାମନଘାଟି ଅଞ୍ଚଳକୁ ଫେରାଇ ଦେବାଭଳି କୁତ୍ସିତ ଗୋପନ ଇତିହାସର ଦସ୍ତାବିଜକୁ ଔପନ୍ୟାସିକ ଉପନ୍ୟାସଟିରେ ପରଶି ଦେଇଛନ୍ତି।

'ଦେଶ କାଳ ପାତ୍ର' ଓ 'ଗର୍ବକରିବାର କଥା' ଭଳି ଉପନ୍ୟାସରେ ଦୁର୍ଭିକ୍ଷର ଐତିହାସିକତାକୁ ସବିଶେଷ ନ ହେଲେ ବି ସଚେତନ ସୂଚନା ରହିଛି। ନଅଙ୍କ ଦୁର୍ଭିକ୍ଷ ବ୍ୟତୀତ ଅନ୍ୟ ଦୁର୍ଭିକ୍ଷର ପୃଷ୍ଠଭୂମିରେ 'କଳାହାଣ୍ଡି ଓ ଇନ୍ଦ୍ରଦେବତା' ଓ 'ଦଣ୍ଡଧାରୀ' ଉପନ୍ୟାସ ରଚନା କରାଯାଇଛି; ଯାହାକି ଅନ୍ୟ ଉପନ୍ୟାସ ତୁଳନାରେ ଅଧିକ ପ୍ରାକୃତିକ ବିପର୍ଯ୍ୟୟକୁ ଆଧାର କରିଛି। ସେହିଭଳି ଲୋକଜୀବନରେ ଘଟିଥିବା ଦୁର୍ଭିକ୍ଷର ପ୍ରଭାବ 'ଦଣ୍ଡଧାରୀ' ଉପନ୍ୟାସରେ ଦେଖାଦେଇଛି; ଯେଉଁଠି ଛୁଁଇହେବ ଲୌକିକ ଜୀବନର ଅକ୍ଷତ ଛବିକୁ।

ବିପଦ ମନୁଷ୍ୟର ଚିର ସହଚର। ଅଭାବ, ରୋଗ, ଶୋକ ସହିତ ମଣିଷ ପ୍ରତି ନିୟତ ସଂଗ୍ରାମ କରି ଜୀବନ ଜୀଏଁ। ମଣିଷର ଅପରିଣାମଦର୍ଶିତା, ଅମାପ ଲୋଭ, ପାରସ୍ପରିକ ଅସହଯୋଗ ଓ ଈର୍ଷା ଆଦି ନାନାବିଧ କାରଣ ତା'ର ଜୀବନକୁ ଦୁଃଖ ଓ ଯନ୍ତ୍ରଣାରେ ଭରିଦିଏ। କେତେକ ବିପର୍ଯ୍ୟୟ ପ୍ରାକୃତିକ ହୋଇଥିବାବେଳେ ଅଧିକାଂଶ ମନୁଷ୍ୟକୃତ। ଏହି ଦୁର୍ଗତିରୁ ମୁକ୍ତିପାଇଁ ମଣିଷ ସଚେତନ ହେବା ଏକାନ୍ତ ଆବଶ୍ୟକ। ବାସ୍ତବତା ଦୃଷ୍ଟିରୁ ମଣିଷର ଶକ୍ତି, ସାମର୍ଥ୍ୟ ଓ ସମ୍ବଳର ବିନିଯୋଗକରି ଏହାର ସାମ୍ନା କରାଯାଉଥିବାବେଳେ ମାନବ ଜଗତକୁ ଜାଗ୍ରତ କରିବାପାଇଁ ସାହିତ୍ୟରେ ମାନବିକ ସମ୍ବେଦନା ସକଳ ସମ୍ଭାବନାର ଦ୍ୱାର ଉନ୍ମୁକ୍ତ କରିପାରେ।

## ସହାୟକ ଗ୍ରନ୍ଥସୂଚୀ


୧) ଉମର, ସାହିଦ। ଓଡ଼ିଶା ପ୍ରସଙ୍ଗ। ୧ମ ସଂସ୍କରଣ, ଆୟନ ପ୍ରକାଶନ, ଭୁବନେଶ୍ୱର, ୨୦୦୬।

୨) ପଟ୍ଟନାୟକ, ଡକ୍ଟର କଇଳାଶ। ଓଡ଼ିଆ ଉପନ୍ୟାସର ସମାଜତତ୍ତ୍ୱ। ୨ୟ ମୁଦ୍ରଣ, ବିଦ୍ୟାପୁରୀ, କଟକ, ୨୦୧୯।

୩) ବରାଳ, ଡକ୍ଟର ଆଲୋକ। ଉପନ୍ୟାସ ଜିଜ୍ଞାସା। ୧ମ ସଂସ୍କରଣ, ବିଜୟିନୀ ପବ୍ଲିକେଶନ, କଟକ, ୨୦୧୯।

୪) ଦେବୀ, ଶ୍ରୀମତୀ ପୀତାମ୍ବରୀ। କାନ୍ତରାବାବୁ। ୧ମ ମୁଦ୍ରଣ, ଉତ୍କଳ ସାହିତ୍ୟପ୍ରେସ୍, କଟକ, ୧୯୩୧।

୫) ପ୍ରଧାନ, ଡକ୍ଟର ମନୋରଞ୍ଜନ। ଉପନ୍ୟାସତତ୍ତ୍ୱ ଓ ଅନ୍ୟାନ୍ୟ ଆଲୋଚନା। ୧ମ ମୁଦ୍ରଣ, ଓଡ଼ିଶା ବୁକ୍‌ଷ୍ଟୋର, କଟକ, ୨୦୦୩।

୬) ମହାନ୍ତି, କାହ୍ନୁଚରଣ। ଶାସ୍ତି। ୨୦ଶ ସଂସ୍କରଣ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୨୦୧୯ ।

୭) ପାଣିଗ୍ରାହୀ, କାଳିନ୍ଦୀଚରଣ। କାଳିନ୍ଦୀଚରଣ ଉପନ୍ୟାସ ସମଗ୍ର। ୫ମ ସଂସ୍କରଣ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ, ୨୦୨୧।

୮) ଦାଶ, ଜଗନ୍ନାଥ ପ୍ରସାଦ। ଦେଶ କାଳ ପାତ୍ର। ୬ଷ୍ଠ ସଂସ୍କରଣ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୨୦୧୯।

୯) ପଣ୍ଡା, ହୃଷୀକେଶ। ଗର୍ବକରିବାର କଥା। ୪ର୍ଥ ସଂସ୍କରଣ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୨୦୨୨।

୧୦) ମିଶ୍ର, ଶରଦଚନ୍ଦ୍ର। କଳାହାଣ୍ଡି ଓ ଇନ୍ଦ୍ରଦେବତା। ୧ମ ସଂସ୍କରଣ, ନିଉ ଏଜ୍ ପବ୍ଲିକେଶନ୍ସ, କଟକ, ୨୦୦୫।



**Funding**

No funding was received for conducting this study.

**Does this article screened for similarity?**

Yes

**Conflict of interest**

The Author has no conflicts of interest to declare that they are relevant to the content of this article.

**About the Licenses**
© Sushama Behera, Dr. Mamatarani Behera 2024. The text of this article is open access and licensed under a Creative Commons Attribution 4.0 International License

**Cite this Article :**
Sushama Behera, Dr. Mamatarani Behera, Durbhikshakaindrika Odia Upanyasa : Eka Alochana, Bageesha, Vol. No. 02, Issue No. 06, November - December 2024, Article No: BM2024/06-A005 | Page-33-38

●